## ସଂକ୍ଷେପରେ

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଗୁଣପୁର, ୧।୩( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ଉଡୁଙ୍ଗଗୁଡ଼ା ଶିକ୍ଷକ ଲକୋଜ ବିଶ୍ୱେଶାରାଓଙ୍କୁ ଫ୍ରେଣ୍ଡ୍ ଫର୍ ଏଭର୍ ଗ୍ରୁପ ପକ୍ଷରୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ପେଙ୍ଗୁଡ଼ା ଭୈରବୀରେ ପ୍ରଦାନ କରାଯାଇଛି। ଗ୍ରୁପର ବରିଷ୍ଠ ସଦସ୍ୟ ସୁବାସ ଶବର, ଅବସର ପ୍ରାପ୍ତ ବିଇଓ ପଦ୍ମପୁରଙ୍କ ତତ୍ତ୍ୱାବଧାନରେ ଗ୍ରୁପ ର ସମସ୍ତ ସଦସ୍ୟଙ୍କ ପରିବାରଙ୍କ ଗହଣରେ ଅନୁଷ୍ଠିତ ହୋଇଛଇ। ଏହି ଉତ୍ସବରେ ରାଓଙ୍କ ସହ ପରିବାରର ନିରାମୟ ଓ ସୁସ୍ଥ ଜୀବନ ଅତିବାହିତ ପାଇଁ ମା ଙ୍କ ପୀଠ ରେ କାମନା କରି ଉପଢୌକନ ମାନପତ୍ର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶିବ ପ୍ରସାଦ ମହାପାତ୍ର, ପ୍ରସାଦ ପାଇଟାଳ, ପଙ୍କଜ ଭଦ୍ର, ସୁରେଶ ଚୌଧୁରୀ, ସୁଦର୍ଶନ ପଣ୍ଡା, ପ୍ରକାଶ ଜେନା ଓ କେଟେଶ୍ୱର ରାଓ ପ୍ରମୁଖ ପରିଚାଳନା କରିଥିଲେ।

# ୭,୫୮୭ ବାଳିକାଙ୍କୁ ଦିଆଯିବ ଦେୟମୁକ୍ତ ଟିକା

- ଜିଲାରେ ଶୁଭାରମ୍ଭ ହେଲା ଏଚ୍‌ପିଭି ଭାଇରସ୍
- ସଂକ୍ରମଣ ନିରାକରଣ ପାଇଁ ଟିକାକରଣ ଅଭିଯାନ

ରାୟଗଡ଼ା, ୧।୩(ଆଶିଷ ରଞ୍ଜନ ପଣ୍ଡା)




ଏମ୍‌ପି ସପ୍ତଗିରି ଉଲାକା ଓ ବିଧାୟକ ଆପଲସ୍ୱାମୀ କାଡ୍ରାକା ଏବଂ ଅନ୍ୟ ଅତିଥିମାନେ ଟିକାକରଣର ଶୁଭାରମ୍ଭ କରୁଛନ୍ତି।

ରାୟଗଡ଼ା ଜିଲାରେ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚପିଭି) ଟୀକାକରଣର ଶୁଭାରମ୍ଭ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଟୀକାକରଣ ଅଭିଯାନରେ ୩ ମାସ ମଧ୍ୟରେ ରାଜ୍ୟର ୧୪ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୩.୩୬ ଲକ୍ଷ ବାଳିକାଙ୍କୁ ଟୀକାକରଣ କରାଯିବ। ଯେଉଁଥିରେ ରାୟଗଡ଼ା ଜିଲାର ୧୪ ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ୭୫୮୭ ଦେୟମୁକ୍ତ ଟୀକାକରଣ କରାଯିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଟୀକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବ। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସମ୍ପ୍ରସାରଣ କରାଯିବ। ଝିଅମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଏହି ଟୀକାକରଣ ଅଭିଯାନ କରାଯାଇଛି। ସର୍ଭିକାଲ୍ କ୍ୟାନସରକୁ ରୋକିବା ପାଇଁ ଏହି ଟୀକାର ବଜାର ମୂଲ୍ୟ ୪ ହଜାର ଟଙ୍କା ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ଏହା ମାଗଣାରେ ପ୍ରଦାନ କରାଯିବ। ତେବେ ଏହାକୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପହଞ୍ଚାଇବା ସହିତ ଟୀକାକରଣ କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଏମପି ଉଲାକା ମତପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍‌ଓ ଡ. ସରୋଜିନୀ ଦେବୀ, ଜିଲା ମୁଖ୍ୟ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ଡ. ପି.କେ. ମିଶ୍ର, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. କିଶୋର ବାରାଇ, ବିଇଓ ରାମଚନ୍ଦ୍ର ନାହାକଙ୍କ ସମେତ ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀ ଏବଂ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ଲକ କାର୍ଯ୍ୟାଳୟ ଫାଟକ ଆଗରେ ଯୁବ କର୍ମଚାରୀଙ୍କ ମୃତଦେହ

ମୁନିଗୁଡ଼ା, ୧।୩
(ନନ୍ଦ କିଶୋର ପଟ୍ଟନାୟକ)



ମୃତ ସୁଶାନ୍ତ ଗୌଡ଼ (ଫାଇଲ ଫଟୋ।

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଜଣେ ଯୁବ କର୍ମଚାରୀଙ୍କ ମୃତଦେହ ରବିବାର ମିଳିଛି। ମୃତକ ହେଲେ ବ୍ଲକର ଭିବି ଜି ରାମ ଜି ଆସିଷ୍ଟାଣ୍ଟ ସୁଶାନ୍ତ ଗୌଡ଼। ସୂଚନାନୁଯାୟୀ ସୁଶାନ୍ତଙ୍କର ରବିବାର ଭୋରରୁ ପେଟ ଓ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ସେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କୁ ଦେଖାଇ ବ୍ଲକ କଲୋନୀସ୍ଥିତ ଘରକୁ ଫେରୁଥିଲେ। ତେବେ ହଠାତ ବ୍ଲକ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ମୁନିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ଲୋକେ ସୁଶାନ୍ତଙ୍କ ମୃତଦେହକୁ ପୈତୃକ ଗ୍ରାମ ଗୁଣପୁରକୁ ନେଇ ସେଠାରେ ଅନ୍ତିମ ସତ୍କାର କରାଇଛନ୍ତି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଏହା ହୃଦ୍‌ଘାତ ହୋଇଥାଇ ପାରେ ବୋଲି ସାଧାରଣରେ ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ଠିକ୍ କାରଣ ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛି।

# ଗୁଣପୁର ଜିଲା ଗଠନ ନେଇ ସୋସିଆଲ ମିଡିଆରେ ପ୍ରଚାର

ଗୁଣପୁର, ୧।୩( ସୁଜାତା ପାଢ଼ୀ)

ଗୁଣପୁରକୁ ସ୍ୱତନ୍ତ୍ର ଜିଲା ଗଠନ କରିବା ନେଇ ଦାବି ଚାଲିଛି। ଏ ନେଇ ସୋସିଆଲ ମିଡିଆରେ ପ୍ରଚାର କରାଯାଉଛି। ଗୁଣପୁର ଜିଲା ଗଠନ ଦାବିର ଯଥାର୍ଥତାକୁ ମଧ୍ୟ ସେଥିରେ ଉପସ୍ଥାପନ କରାଯାଇଛି। ପ୍ରତି ଜନ ମାନସ ରେ ଏହି ଦାବୀ ପହଞ୍ଚିବା ପରେ ସମସ୍ତଙ୍କ ସହଯୋଗରେ ଏହାର ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପୂର୍ବତନ ପ୍ରଶାସନିକ ଅଧିକାରୀ ଭୀମସେନ ଶବର କହିଛନ୍ତି। ଗୁଣପୁର ଉପଖଣ୍ଡକୁ ନେଇ ନୂତନ ଜିଲା ଗଠନ କରିବା ପାଇଁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଛି।

ଗୁଣପୁର ଉପଖଣ୍ଡ ଅବିଭକ୍ତ କୋରାପୁଟ ଜିଲାର ସବୁଠାରୁ ବଡ ଉପଖଣ୍ଡ ହୋଇଥିଲେ ହେ ଏହି ଅଞ୍ଚଳର ଜନସାଧାରଣ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନୂତନ ଜିଲା ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଏଂ ଲୋକ ସଂଖ୍ୟା ଏଠାରେ ରହିଛନ୍ତି। ନୂତନ ଜିଲା ଗଠନ କରିବା ଦ୍ୱାରା ଏହି ଅଞ୍ଚଳର ଅନେକ ମୌଳିକ ସମସ୍ୟା ଦୂର ହେବ ଏବଂ ଜନସାଧାରଣଙ୍କ ପାଇଁ ଅଧିକ ସୁବିଧା ମିଳିବ। ଏଣୁ ଗୁଣପୁରକୁ ନୂତନ ଜିଲା ଭାବେ ଗଠନ ପାଇଁ ଭୀମସେନ ଶବର ସୋସିଆଲ ମିଡିଆରେ ଉପସ୍ଥାପନ କରି ଦାବି ରଖୁଛନ୍ତି। ଲୋକଙ୍କ ମତାମତକୁ ନେଇ ଆଗାମୀ ଦିନରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଚାପି ହୋଇ ଜଣେ ଶ୍ରମିକ ମୃତ, ୪ ଆହତ



ମୃତ ଶ୍ରମିକଙ୍କୁ ସିମେଣ୍ଟ ଖୁଣ୍ଟି ତଳୁ ବାହାର କରାଯାଉଛି।

## ଓଲଟିଲା ସିମେଣ୍ଟ ଖୁଣ୍ଟ ବୋଝେଇ ଟ୍ରାକ୍ଟର

ଟିକିରି, ୧।୩(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ତୋଟାଗୁଡା ବୁଲାଣି ନିକଟରେ ରବିବାର ଅପରାହ୍ନ ୧ଟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ଜଣ ଆହତ ହାଇଛନ୍ତି। ମୃତକ ହେଲେ ଜେକେପୁର ଅଞ୍ଚଳର ସମିର ମେଲେକା। ସୂଚନାନୁଯାୟୀ, ରାୟଗଡ଼ା ଜିଲା ଜେକେପୁର ଅଞ୍ଚଳର ୫ ଜଣ ଶ୍ରମିକ ଏକ ଟ୍ରାକ୍ଟରରେ ସିମେଣ୍ଟ ଖୁଣ୍ଟ ନେଇ ଟିକିରି ଅଭିମୁଖେ ଆସୁଥିଲେ। ଏହି ସମୟରେ ବୁଲାଣି ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡିଥିଲା। ଯାହା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଚାରିଜଣ ଆହତ ଲାଗିଥିଲା ଏହା ପରେ ଖବରପାଇ ଘଟଣାସ୍ଥଳରେ ଟିକିରି ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଆହତମାନଙ୍କୁ ଟିକିରିସ୍ଥିତ ଉଷାପଡା ଉତ୍କଳ ଆଲୁମିନା ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

### ଛେଳି ଚୋରି କରି ଯିବାବେଳେ ଧରାପଡ଼ିଲେ ୨ ଯୁବକ

-ପୋଲିସ ଜିମା ପରେ କୋର୍ଟଚାଲାଣ



କଲ୍ୟାଣସିଂହପୁର, ୧।୩
(ଦୀପକ କୁମାର ପରିଡ଼ା)

ରାୟଗଡା ଜିଲା କଲ୍ୟାଣସିଂହପୁର ଥାନା ଅଞ୍ଚଳରେ ଘଟିଥିବା ଛେଳି ଚୋରି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗ୍ରାମବାସୀ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ଏହାପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏଏସ୍‌ଆଇ ଦିଲୀପ କୁମାର ମାଝି କହିଛନ୍ତି। ସେମାନେ ହେଲେ ଚାନ୍ଦିଲି ଥାନା ଥେରୁବାଲି ମୁନିସିଂ ଗ୍ରାମର ରାହୁଲ ପୁଆଲା (୨୩) ଓ ଶିବମ ନିମାଲପୁରୀ(୨୩)। ସୂଚନାନୁଯାୟୀ, ବଡ଼ଦ୍ୱାର ସାହି ନିକଟରେ ୨ ଯୁବକ ଏକ ଛେଳି ଚୋରି କରି ନେଉଥିବାବେଳେ ସ୍ଥାନୀୟ ଲୋକେ ସନ୍ଦେହ କରି ସେମାନଙ୍କୁ ଅଟକ ରଖିଥିଲେ। ପରେ ଥାନାରେ ଜିମା ଦିଆଯାଇଥିଲା। ସେମାନେ ଏକ ଟିଭିଏସ୍ ଫାଇନାନ୍ସ ଆଦାୟକାରୀ ସଂସ୍ଥାରେ କାର୍ଯ୍ୟରତ ଏଜେଣ୍ଟଙ୍କ ସହଯୋଗୀ ବୋଲି ପ୍ରାରମ୍ଭିକ ତଦନ୍ତରେ ଜଣାପଡ଼ିଛି। ଅଭିଯୁକ୍ତଙ୍କଠାରୁ କଳା ରଙ୍ଗର ନମ୍ବର ବିହୀନ ପଲସର, ଧଳା ଛିଟା ଥିବା କଳା ରଙ୍ଗର ଏକ ଛେଳି ଓ ୩ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଏହି ଛେଳିଟି କେଶବ ନାୟକଗୁଡ଼ା ବୋରୀ ସାହିର ଫଗୁନୁ କୌଶଲ୍ୟାଙ୍କର ବୋଲି ଚିହ୍ନଟ ହୋଇଛି। ଘଟଣା ସମ୍ବନ୍ଧରେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### କେପିଏଲ୍‌ର ଅକ୍ସନ ପ୍ରକ୍ରିୟା

ଟିକିରି, ୧।୩(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁରରେ ଆରମ୍ଭ ହେବ କାଶୀପୁର ପ୍ରିମିୟର ଲିଗ୍ (କେପିଏଲ୍‌ୟ) ୫.୦। ରବିବାର ବ୍ଲକର ପ୍ରାୟ ୧୮୦ କ୍ରିକେଟ ଖେଳାଳିଙ୍କୁ ନେଇ ଅକ୍ସନ ବା ନିଲାମ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ କାଶୀପୁରର ଜିତେନ୍ଦ୍ର ବୈଦ୍ୟ ସ୍ମାର୍ଟ ଇଲେଭେନ୍ସ, ଅମିତ ନାୟକ ଡଙ୍ଗ୍ରିଲା ବୋଏଜ, ରଞ୍ଜିତ ନାଏକ ରାଇଜିଙ୍ଗ ଷ୍ଟାର, ଦିନେଶ ରାଉଳ କାଶୀପୁରିଆ ହୋଷ୍ଟର, ସୁନୀଲ ପାଳ ରୋୟାଲ ଫ୍ରେଣ୍ଡ୍ସ, ଏଙ୍କେଟ ନାଏକ କାଶୀପୁର ଲାୟନ୍ସ, ସ୍ୱପ୍ନଜିତ ନାଏକ ଡ୍ରିମ ୱାରିଅର ଓ କୃଷ୍ଣ ଚନ୍ଦ୍ର ପାତ୍ର ଖାଣ୍ଟି କାଶୀପୁରିଆ ଭଳି ୮ ଟି ଦଳର ମାଲିକ ସାମିଲ ଥିଲେ। କିଛିଦିନ ପରେ କେପିଏଲ୍ ଟୁର୍ନାମେଣ୍ଟ ପାଇଁ ତାରିଖ ଘଷଣା କରାଯିବ ଆୟୋଜକ ପ୍ରକାଶ କରିଛନ୍ତି। କେପିଏଲ୍ ଅକ୍ସନ ପ୍ରକ୍ରିୟାକୁ କାଶୀପୁରର ବରିଷ୍ଠ କ୍ରୀଡ଼ାବିତ ସୀତାରାମ ସାହୁ, ଦିଲ୍ଲୀପ ନାଏକ, ମଦନ ପାତ୍ର, ସୁଶାନ୍ତ ପଟ୍ଟନାୟକ, ପି.ହେମନ୍ତ କୁମାର ରାଓ, ସନ୍ତୋଷ ଗଉଡ଼ ଓ ଅମିତ ବୈଦ୍ୟ ପରିଚାଳନା କରିଥିଲେ।

### ଜଗନ୍ନାଥ କଥାମୃତ ମହୋତ୍ସବ

ମୁନିଗୁଡ଼ା, ୧।୩ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡ଼ା ପାଇକସାହିସ୍ଥିତ ଭଲିବଲ ପଡିଆରେ ରାଧାଦାମୋଦର ଭାଗବତ ପ୍ରଚାର କମିଟି ପକ୍ଷରୁ ଜଗନ୍ନାଥ କଥାମୃତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବୃନ୍ଦାବନ ରାଧାକୁଣ୍ଡରୁ ପ୍ରବକ୍ତା ମଦନ ଗୋପାଳ ଦାସ ମହାରାଜ ପ୍ରବଚକ ଭାବେ ଯୋଗ ଦେଇ ଜଗନ୍ନାଥଙ୍କ ଦିବ୍ୟ ଅର୍ବିଭାବ, ଲୀଳାମୃତ, ଜଗନ୍ନାଥ ସଂସ୍କୃତି ସହ ବିଭିନ୍ନ ଅବତାର ବିଷୟରେ ଲୋକଙ୍କୁ ବୁଝାଇଥିଲେ। ସତ ମାର୍ଗରେ ଚାଲିବା, ଭଗବାନଙ୍କୁ ସ୍ମରଣ ଓ ବଡ଼ ଓ ଗୁରୁଜନଙ୍କୁ ସମ୍ମାନ ଦେବା ସହ ବିଭିନ୍ନ ଧାର୍ମିକ ସଚେତନତା ବାର୍ତ୍ତା ଦେଉଛନ୍ତି। ଏହି କାର୍ଯ୍ୟକ୍ରମ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟିର ଜାମି ମହେଶ ଓ ରଜତ ମହାରଣା ସମେତ ଅନ୍ୟ ସଦସ୍ୟ ମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ରାଧାଦାମୋଦର ଭାଗବତ ପ୍ରଚାର କମିଟି ଓ ପାଇକ ସାହି ବିଜୁ ପଟ୍ଟନାୟକ ଯୁବ ସଂସଦର ସଦସ୍ୟମାନେ ପରିଚାଳନା କରୁଛନ୍ତି।

# ଗଣିତ, ବିଜ୍ଞାନ ପ୍ରଦର୍ଶନୀ ମେଳାରେ ୪୦ ପ୍ରକଳ୍ପ ପ୍ରଦର୍ଶିତ

ଗୁଣପୁର, ୧।୩
( ସୁଜାତା ପାଢ଼ୀ/ସଂକେତ ପାତ୍ର)



ଅତିଥିମାନେ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ ମେଳା ଉଦ୍‌ଘାଟନ କରୁଛନ୍ତି।

ରାୟଗଡ଼ା ଜିଲା ଗୁଣପୁର ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପିଏମ୍‌ଶ୍ରୀ ଯୋଜନା ମାଧ୍ୟମରେ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ ମେଳା ଶନିବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାକୁ ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ସାହୁ ଓ କାଉନସିଲର ଲଳିତା ଶବର ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଗଣିତ ଓ ବିଜ୍ଞାନ ବିଭାଗର ପ୍ରାୟ ୪୦ ପ୍ରଦର୍ଶିତ ହୋଇଥିଲା। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ଉଭୟ ବିଭାଗର ଶ୍ରେଷ୍ଠ ୩ ପ୍ରକଳ୍ପକୁ ପ୍ରଧାନ ଶିକ୍ଷକ ବରିହା ପୁରସ୍କୃତ କରିଥିଲେ।

# ଅନ୍ଧବିଶ୍ୱାସରୁ ଦୂରେଇ ରହିବା, ବାଲ୍ୟ ବିବାହ ରୋକିବାକୁ ଗୁରୁତ୍ୱ



ଥାନାଧିକାରୀ ବିଦ୍ୟୁଲତା ନାୟକ ଲୋକଙ୍କୁ ସଚେତନ କରୁଛନ୍ତି।

ଗୁଣପୁର, ୧।୩(ସଂକେତ ପାତ୍ର)

ରାୟଗଡା ଜିଲା ପୁଟାସିଂ ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ରବିବାର ହୋଇଛି। ଥାନାଧିକାରୀ ବିଦ୍ୟୁଲତା ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସ୍ଥାନିୟ ଲାଞ୍ଜିଆ ସୌରା ଅଞ୍ଚଳର ଜନସାଧାରଣ ଙ୍କୁ ନେଇ ବିଭିନ୍ନ ଦିଗରେ ସଚେତନ କରିଥିଲେ। ବାଲ୍ୟ ବିବାହ ରୋକିବା, ଅନ୍ଧବିଶ୍ୱାସରୁ ନିବୃତ ରହି ଗୁଣିଗାରେଡ଼ିକୁ ବିଶ୍ୱାସ ନ କରି ଲୋକଙ୍କ ଭିତରେ ସୁସମ୍ପର୍କ ରଖିବା, ସାଇବର କ୍ରାଇମ୍ ଉପରେ ସଜାଗ ରହିବା, ଟ୍ରାଫିକ ନିୟମ ଉପରେ ସଚେତନ କରିଥିଲେ।

# ଡ୍ରେନ୍ ଭିତରେ ନଳକୂଅ

ଗୁଣପୁର, ୧।୩ (ସଂକେତ ପାତ୍ର)

ଗୁଣପୁର ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟସ୍ଥ ନୀଳଚକ୍ର ନଗର ସାହିରେ ଏକ ହାଣ୍ଡ ପମ୍ପ ଡ୍ରେନ୍ ମଧ୍ୟରେ ପଡି ରହିଥିବାରୁ ତାହା ସମ୍ପୂର୍ଣ୍ଣ ଅବ୍ୟବହୃତ ହୋଇପଡିଛି। ଉକ୍ତ ନଳକୂପ ହ୍ୟାଣ୍ଡଲ୍ ଏକ ସିମେଣ୍ଟ ଚେୟାର ତଳେ ରହିଥିବା ବେଳେ ଏହାର ନିର୍ଗମ ନଳୀ ଓ ତଳ ଅଂଶ ଡ୍ରେନ୍ ଭିତରେ ରହିଛି। ତେଣୁ ସାଧାରଣ ଲୋକ ଏହି ପାଇପ୍ରୁ ପାଣି ବ୍ୟବହାର କରିପାରୁନାହାନ୍ତି।

ସ୍ଥାନୀୟଲୋକଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ଏହା ଏଭଳି ଅବସ୍ଥାରେ ପଡିରହିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତା ସହିତ ଡ୍ରେନ୍ କିଛି ସ୍ଥାନରେ ସଙ୍କୁଚିତ ହୋଇଥିବା ଓ ରାସ୍ତା–ଡ୍ରେନ୍ ମାପ ଠିକ୍ ଭାବରେ ହୋଇଛି କି ନାହିଁ ନେଇ ସନ୍ଦେହ ଜନ୍ମିଛି। ତେଣୁ ଏ ଦିଗରେ ପଦକ୍ଷେପ ନେଇ ଏହାକୁ ପୁନର୍ବାର ବ୍ୟବହାର ଯୋଗ୍ୟ କରିବାକୁ ପୌରପରିଷଦ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି। ଏହା ସହ ସେହି ଡ୍ରେନ ପରିଧି, ସ୍ଥିତି ଓ ଓସାର ନେଇ ପୁନର୍ବାର ସମ୍ପୂର୍ଣ୍ଣ ତଦନ୍ତ କରିବାକୁ ଦାବି ଜୋରଦାର ହୋଇଛି। ଡ୍ରେନ୍ ପ୍ଲାନ୍, ରୋଡ୍ ପ୍ଲାନ୍ ସହ ଉକ୍ତ ହାଣ୍ଡ ପମ୍ପ ନିକଟସ୍ଥ ଘରମାନଙ୍କ ଟାଉନ୍‌ପ୍ଲାନିଂ ମଧ୍ୟ ପୁନଃ ସମୀକ୍ଷା କରାଯିବା ଆବଶ୍ୟକ ବୋଲି ସ୍ଥାନୀୟମାନେ କହିଛନ୍ତି। ଆଗାମୀ ଦିନରେ ତାପମାତ୍ରା ବଢିବା ସହ ପାଣିର ଆବଶ୍ୟକତା ବଢିବା ନିଶ୍ଚିତ। ଏପରି ସମୟରେ ପୌରପରିଷଦ ସତର୍କ ହୋଇ ଯଥାର୍ଥ ମାପ ଓ ପ୍ରାୟୋଗିକ ତଦନ୍ତ କରି ପଦକ୍ଷେପ ନେବେ କି ନାହିଁ – ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ସ୍ଥାନୀୟ ଗୁଣପୁର ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରଙ୍କୁ ପଚରାଉଚରା କରିବାର ତୁରନ୍ତ ଯାଞ୍ଚ କରାଯିବ। ସମସ୍ୟା ସମାଧାନ ସହ ରୋଡ୍, ଡ୍ରେନ ଓ ଜବର ଦଖଲରେ ଯଦି ଆଉ କିଛି ରହିଛି ସେ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



# ‘ଭଲ ପଢ଼ି ସୁନାଗରିକ ହୋଇ ଆଗକୁ ବଢ଼’

## ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଚନ୍ଦ୍ରପୁର, ୧।୩
(ବିଜୟ ପ୍ରସାଦ ଉଲାକା)



କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡ଼ିବାଲି ପଞ୍ଚାୟତ ଅଧୀନ ନେହୁରୁପଙ୍ଗା ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ କାଇନ କିମ୍ବାକା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭଲ ପଢ଼ି ସୁନାଗରିକ ହେବାକୁ ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜିଲା ମଣ୍ଡଳ ଶିକ୍ଷା ନିରୀକ୍ଷକ ଶ୍ୟାମ ଘନ ଭୂୟାଁ ମୁଖ୍ୟ ବକ୍ତା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀତମ ପୂର୍ତ୍ତି, ସରପଞ୍ଚ ଭୀମ ଗୋଗେରେଙ୍ଗା, ଏବିଇଓ ଉମାକାନ୍ତ ମିସାଲ୍, ଭୟରାମ ନାୟକ, ଶିକ୍ଷକ ପ୍ରଦୀପ ଚୌଧୁରୀ, ସନ୍ତୋସ କୌଶଲ୍ୟା, ଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗମ୍, ଉର୍ମିଳା ପିପୋଲୀ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ରାଜୁ ପାଲ ବାର୍ଷିକ ବିବରଣୀ ପାଠ ସହ ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ତପସ୍ୱିନୀ ପାଲକାଙ୍କୁ ଏ ବର୍ଷର ଉତ୍ତମ ଛାତ୍ରୀ ପୁରସ୍କୃତ କରାଯାଇଛି। ବିଭିନ୍ନ କ୍ରୀଡ଼ା, ସଙ୍ଗୀତ,ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏଥିସହ ବରିଷ୍ଠ ସାମାଜିକ କର୍ମୀ ବିଜୟ ଉଲାକା, ବରିଷ୍ଠ କୃଷି ଶିକ୍ଷକ ପ୍ରଦୀପ ଚୌଧୁରୀଙ୍କୁ ଉତ୍ତରୀୟ ସହ ସମ୍ମାନ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ୪୦୦ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଜଗନ୍ନାଥ ବାଗ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ମୃତକଙ୍କ ପରିବାରକୁ ଡ୍ରାଇଭର ମହାସଂଘର ସହାୟତା

ଦଶମନ୍ତପୁର, ୧।୩(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଡୁମ୍ବାଗୁଡା ପଞ୍ଚାୟତ ପାତ୍ର ବାଗ୍ରି ଗାଁର ମୃତ ଡ୍ରାଇଭର ସଂଘର ସଦସ୍ୟ ଖଗପତି ଗୌଡ଼ଙ୍କ ପରିବାର ଲୋକଙ୍କୁ ରାଜ୍ୟ ଡ୍ରାଇଭର ଓ ଦଶମନ୍ତପୁର ଡ୍ରାଇଭର ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଖଗପତିଙ୍କ ଫେବୃଆରୀ ୧୧ରେ ଛାତି ଯନ୍ତ୍ରଣାରେ ମୃତ୍ୟୁ ହୋଇଥିଲା। ଦଶମନ୍ତପୁର ବ୍ଲକ ଡ୍ରାଇଭର ସଂଘ ସଭାପତି ସଭାସେନ ନାୟକ ଓ ସଂଘର ଅନ୍ୟ ସଦସ୍ୟମାନେ ମୃତକଙ୍କ ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲେ। ରାଜ୍ୟ ଡ୍ରାଇଭର ମହାସଂଘ ପକ୍ଷରୁ ମୋଟ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଦଶମନ୍ତପୁର ସଂଘ ପକ୍ଷରୁ ୨୭ ହଜାର ଟଙ୍କାର ସହାୟତା ଖଗପତିଙ୍କ ସ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ସଂଘ ଉପସଭା ପତି ବଳରାମ ବିଶୋୟୀ, ଚତୁର୍ଭୁଜ ନାୟକ, ଉମାପତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

କୋରାପୁଟ, ୧।୩(ଅମିତାଭ ବେହେରା)

କୋରାପୁଟ ସଦର ବ୍ଲକ ଉମୁରି ପଞ୍ଚାୟତ ପୂର୍ବତନ ସରପଞ୍ଚ ରମେଶ ବାଖ୍ୟା(୫୮)ଙ୍କ ପରଲୋକ ହୋଇଛି। କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା, ପୂର୍ବତବ ବିଧାୟକ ନିମାଇଁ ସରକାର, ଜିଲା କଂଗ୍ରେସ ସଭାପତି ରୂପକ ତୁରୁକ, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଶୋକ ପ୍ରକାଶ କରିଛନ୍ତି। ରମେଶ ଜଣେ ବରିଷ୍ଠ ରାଜନେତା, ସାମାଜିକ କର୍ମୀ ଥିଲେ। ସେ ୧୯୯୨ରେ କଂଗ୍ରେସର ସମର୍ଥନରେ ଉମୁରି ପଞ୍ଚାୟତ ସରପଞ୍ଚ ସହ ଜିଲା ଏସସି ସେଲର ସଭାପତି, କୋରାପୁଟ ପଞ୍ଚାୟତ ସମିତି ସଭାପତି, ଆମ୍ବେଡକର ସୋସାଇଟି ସଦସ୍ୟ ଦାୟିତ୍ୱ ତୁଲାଇଥିଲେ। କିଛି ମାସ ହେବ ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। କୋରାପୁଟ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଛି। ହୋଇଯାଇଛି। ରବିବାର ଉମରିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ପେଣ୍ଡିଆ, ହାଲବା ସମାଜ ବିକାଶ ପରିଷଦ ବୈଠକ

ଜୟପୁର, ୧।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକରେ ପେଣ୍ଡିଆ ଓ ହାଲବା ସମାଜ ବିକାଶ ପରିଷଦର ଭାରତଯୋଡ କାର୍ଯ୍ୟକ୍ରମ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅଖିଳ ଭାରତୀୟ ଆଦିବାସୀ ହଲବି(ହାଲବା)ସମାଜ ଛତିଶଗଡର ବାସିନ୍ଦା ତଥା ପୂର୍ବତନ ଜାତୀୟ ଆଦିବାସୀ ଅଧ୍ୟକ୍ଷ ଓ ସଂସ୍ଥାପକ ଗୁରୁରାମ ରାଣା, ହଲିବି ସଂଘ ରାଷ୍ଟ୍ରୀୟ କର୍ମକର୍ତ୍ତା କୃଷ୍ଣା ବିହାରୀ, ଭୁଷଣ ଲାଲ ଗୁରୁ, ରାଜେଶ ଚକ୍ରଧାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ସଂଘର ବରିଷ୍ଠ କର୍ମକର୍ତ୍ତା ପୀତବାସ ହାଲବା ପରିଚାଳନା କରିଥିଲେ। ବୈଠକରେ ଅଖିଳ ଭାରତୀୟ ଆଦିବାସୀ ହାଲବା ସମାଜ ସହ ମିଳିତ ଭାବେ ଭାରତ ଯୋଡ କାର୍ଯ୍ୟକ୍ରମ ହୋଇଥିଲା। ହାଲବା ସମାଜର ସଦସ୍ୟମାନେ ଜାତୀୟ ସ୍ତରରେ ଏକତା ବଜାୟ ରଖିବାକୁ ଭାଷା, ସଂସ୍କୃତି, ଖାଦ୍ୟ, ଜୀବିକା, ଶିକ୍ଷା ଓ ପୁରାତନ ସଂସ୍କୃତିକୁ ବଞ୍ଚାଇ ରଖିବା ନେଇ ଗୁରୁତ୍ୱ ଦିଆଯାଇଛି। ସମାଜର ଶହୀଦ ଗେନ୍ଦ ସିଂ ବଳିଦାନ ଦିବସ ଜାୟନୁଆରୀ ୨୦ ପାଳନ କରିବାକୁ ଆହ୍ୱାନ କରାଯାଇଛି।

### ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୈପାରିଗୁଡା, ୧।୩(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ଶହୀଦ ଲକ୍ଷ୍ମଣ ନାୟକ ଯୁକ୍ତ ୨ ବିଦ୍ୟାଳୟ ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣାଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବିଦ୍ୟାଳୟ ପୂର୍ବତନ ପ୍ରତିଷ୍ଠାତା ଅଧ୍ୟକ୍ଷ ଅଟଳବିହାରୀସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରିକ,ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୁମୁଦ ୨୦୧୨ରେ ଅଧ୍ୟକ୍ଷ ଦାୟିତ୍ୱ ଦେଇଥିଲେ। ତାଙ୍କର ଚେଷ୍ଟା ଯୋଗୁ ବିଦ୍ୟାଳୟ ଏକ ପ୍ରତିଷ୍ଠିତ ସ୍କୁଲ ଭାବେ ପରିଗଣିତ ହୋଇଛି। ଅତିଥିମାନେ ଅଧ୍ୟକ୍ଷଙ୍କ କାର୍ଯ୍ୟ ଶୈଳୀକୁ ପ୍ରଶଂସା କରିଥିଲେ। ଅଧ୍ୟାପକ ଭଗବାନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# 'ବନ ସୁରକ୍ଷା ସଚେତନତା ବଢ଼ାଇବାରେ ସାମୂହିକ ପ୍ରୟାସ ଆବଶ୍ୟକ'

### ବନାଗ୍ନି ନିବାରଣ ପାଇଁ ସଚେତନତା ବୈଠକ

କୋରାପୁଟ, ୧।୩(ଅମିତାଭ ବେହେରା)



କାର୍ଯ୍ୟକ୍ରମରେ ଉପସ୍ଥିତ ବନାଞ୍ଚଳ ଅଧିକାରୀ, ବନଖଣ୍ଡ ଅଧିକାରୀ ଓ ଅନ୍ୟମାନେ।

କୋରାପୁଟ ବନାଞ୍ଚଳ ସ୍ତରରେ ଜଙ୍ଗଲ ନିଆଁ ନିବାରଣ ପାଇଁ ସ୍ଥାନୀୟ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ସଚେତନତା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଏସ୍.କେ. ପାହାଡସିଂଙ୍କ ଅଧ୍ୟକ୍ଷତାରେ ବନଖଣ୍ଡ ଅଧିକାରୀ କେ.ଭି. ଭାସ୍କର ରାଓ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଜଙ୍ଗଲରୁ ନିଆଁ ନିବାରଣ ସମ୍ଭବ ହେବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବନାଗ୍ନି ପ୍ରତିକାରରେ ଆମ ଭୂମିକା ନେଇ ଆଲୋଚନା କରିଥିଲେ। ସରପଞ୍ଚ, ବନ ସୁରକ୍ଷା ସମିତି ସଭ୍ୟାସଭ୍ୟ ଓ ଖବରଦାତାମାନେ ବନ ସୁରକ୍ଷା ପ୍ରତି ସଚେତନତା ବଢ଼ାଇବାରେ ସାମୂହିକ ପ୍ରୟାସର ଆବଶ୍ୟକତା ଉଲ୍ଲେଖ କରିଥିଲେ। କୋରାପୁଟ ବନଖଣ୍ଡ ଅଧୀନରେ ୬ ବନାଞ୍ଚଳ ଥିବା ବେଳେ ବନାଗ୍ନି ରୋକିବାକୁ ୬ ଟିମ୍ ରହିଛି। ପ୍ରତି ଟିମ୍‌ରେ ୧୦ ସ୍ଥାନୀୟ ଯୁବକଙ୍କୁ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା କୋରାପୁଟ ବନାଞ୍ଚଳରେ ୨ ବନାଗ୍ନି ଘଟଣା ହୋଇଛି। କୋରାପୁଟ ଅଗ୍ନିଶମ ଅଧିକାରୀ ବିଜୟ କୁମାର କିଷାନ ଓ ଏଫ୍‌ଆଇଏସ୍ ସଂସ୍ଥାର ପ୍ରଦୀପ କୁମାର ମିଶ୍ର ଜଙ୍ଗଲ ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ଗ୍ରାମବାସୀ ସଚେତନ ହୋଇ ଆଗକୁ ଆସିବା ଦରକାର ବୋଲି କହିଥିଲେ। ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ସମସ୍ତଙ୍କୁ ବନାଗ୍ନି ନିବାରଣ ପାଇଁ ଶପଥପାଠ କରାଯାଇଥିଲା। କେତେଜଣ ବ୍ୟକ୍ତିବିଶେଷଙ୍କୁ ଅଗ୍ନି ନିବାରଣ କିଟ୍ ପ୍ରଦାନ କରାଯାଇଥିଲା। ଫରେଷ୍ଟର ମନୋଜ କୁମାର ମହାରଣା ମଞ୍ଚ ପରିଚାଳନା କରିଥିଲେ। ଫରେଷ୍ଟର ଚିତ୍ତରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣାରେ ୨ ପୋଲିସ କର୍ମଚାରୀ ଗୁରୁତର

ବୈପାରିଗୁଡ଼ା, ୧।୩(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧୀନ ରାମଗିରୀ ଫାଣ୍ଡିର ୨ ପୋଲିସ କର୍ମଚାରୀ ୨ ଗଞ୍ଜେଇ ମାଫିଆଙ୍କୁ ପିଛା କରୁଥିବା ବେଳେ ଦୁର୍ଘଟଣା ଘଟି ଗୁରୁତର ହୋଇଛନ୍ତି। ଗୁରୁତର କର୍ମଚାରୀମାନେ ହେଲେ ରାମଗିରି ଫାଣ୍ଡିର ଏଏସ୍‌ଆଇ ବିଷ୍ଣୁ ମାଡକାମୀ(୪୫) ଓ କନେଷ୍ଟବଳ ଡମ୍ବୁରୁଚାଲାଣ(୪୦)।

ସୂଚନାନୁଯାୟୀ, ୨ ପୋଲିସ କର୍ମଚାରୀ ୨ ବାଇକ୍‌ରେ ଅନ୍ୟ ଏକ ବାଇକ୍‌ରେ ଯାଉଥିବା ୨ ଗଞ୍ଜେଇ ମାଫିଆଙ୍କୁ ରାମଗିରିରୁ ପିଛା କରୁଥିବା ବେଳେ ୧୧ କି.ମି. ଦୂର ଦୁରମାଠପଡ଼ା ନର୍ସରୀ ନିକଟ ବୁଲାଣି ରାସ୍ତା ଭାରସାମ୍ୟ ହରାଇ ପରସ୍ପର ସହ ପିଟି ହୋଇଯିବାରୁ ତଳେ ପଡ଼ିଯାଇଥିଲେ। ଏଥିରେ ୨ ପୋଲିସ କର୍ମଚାରୀ ଗୁରୁତର ହୋଇଥିଲେ। ସେମାନଙ୍କୁ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଖବର ଲେଖାଯିବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି। ଘଟଣାର ତଦନ୍ତ କରାଯାଉଥିବା ବୈପାରିଗୁଡା ଥାନାଧିକାରୀ ଡମ୍ବରୁବାତ୍ରିଆ କହିଛନ୍ତି।

# ବୁଣାକାର ଗୋଷ୍ଠୀ କଲ୍ୟାଣ ସଂଘ ଗୃହ ଉଦ୍‌ଘାଟିତ


ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଗୃହ ଉଦ୍‌ଘାଟନ କରୁଛନ୍ତି।

ଜୟପୁର, ୧।୩(ପବନ ପାଣିଗ୍ରାହୀ)

ଜୟପୁର ଡଙ୍ଗାଗୁଡାରେ ବୁଣାକାର ଗୋଷ୍ଠୀ କଲ୍ୟାଣ ସଂଘ ନୂତନ ଗୃହ ରବିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଛନ୍ତି। ସଂଘ ଗୃହ ନିର୍ମାଣ ନେଇ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଦେଇଥିଲେ। ଆଗକୁ ମଧ୍ୟ ୫ ଲକ୍ଷ ଟଙ୍କା ଦେବାକୁ ବିଧାୟକ ଘୋଷଣା କରିଛନ୍ତି। ବୁଣାକାର ସଂଘ ସଦସ୍ୟମାନେ ବୁଣାକାର ସମୁଦାୟ ସାମାଜିକ ଆର୍ଥିକ ଉନ୍ନତି ପାଇଁ ଆଗକୁ ବଢ଼ିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଗୃହ ଜୟପୁରର ୩୫୦ ସଦସ୍ୟଙ୍କ ମାଙ୍ଗଳିକ କାର୍ଯ୍ୟରେ ଆସିବ ବୋଲି କୁହାଯାଇଛି। ବୁଣାକାର ସଂଘ ସଭାପତି ଏମ୍. ଆପ୍ପାରାଓ, ସମ୍ପାଦକ ପି.ଶଙ୍କର ରାଓ, ଉପସଭାପତି ପି.ସୋମା ରାଜୁ, ବିଜନଗର ବୁଣାକାର ଗୋଷ୍ଠୀ କଲ୍ୟାଣ ସଂଘ ସଭାପତି ଭି. ନାନୀ, ରାୟଗଡ଼ା ସଂଘ ସଭାପତି ଏମ୍.ଭେଙ୍କଟ ରାଓ ଉପସ୍ଥିତ ଥିଲେ।

# ନୂତନ ଶିକ୍ଷାନୀତି ନେଇ ଜାତୀୟ ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ, ୧।୩(ଅମିତାଭ ବେହେରା)

କୋରାପୁଟସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପକ୍ଷରୁ ନୂତନ ଶିକ୍ଷାନୀତି ପରିପ୍ରେକ୍ଷିତ ନବୀନ ଶିକ୍ଷାଦାନ ପ୍ରଣାଳୀ ଓ ଶିକ୍ଷା ମୂଲ୍ୟାଙ୍କନରେ ସୁଧାର ନେଇ ଜାତୀୟ ସମ୍ମିଳନୀ ରବିବାର ଆୟୋଜିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଝରଣା ସାହୁଙ୍କ ତତ୍ତ୍ୱାବଧାନରେ ରାଜ୍ୟ କରିକୁଲମ ଫ୍ରେମୱାର୍କ (ଏଆଇ)ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡ.ଶରତ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ ଡିନ ଡ. ଦେବେନ୍ଦ୍ର କୁମାର ସେଠୀ, ପ୍ରଫେସର ବିମଳ ଚରଣ ସ୍ୱାଇଁ ଶିକ୍ଷା କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନଶୀଳ ଶିକ୍ଷାଦାନ ପ୍ରଣାଳୀ, ମୂଲ୍ୟାଙ୍କନ ବ୍ୟବସ୍ଥା ଓ ପ୍ରଯୁକ୍ତିର ସମନ୍ୱୟ ନେଇ ମତ ରଖିଥିଲେ। ଅତିଥିମାନେ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ର ମୂଳ ଲକ୍ଷ୍ୟ, ଦୃଷ୍ଟିକୋଣ ଓ ଭବିଷ୍ୟତ ଶିକ୍ଷାର ରୂପରେଖା ନେଇ ଆଲୋକପାତ କରିଥିଲେ। ଛାତ୍ରମାନଙ୍କ ସୃଜନଶୀଳତା, ତର୍କଶକ୍ତି ଓ ଆତ୍ମନିର୍ଭରତା ବିକାଶ ପାଇଁ ପ୍ରକଳ୍ପ ଆଧାରିତ ଶିକ୍ଷାକୁ ଅଗ୍ରଗତି ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମ୍ମିଳନୀ ହାଇବ୍ରିଡ ମାଧ୍ୟମରେ ହୋଇଥିବାରୁ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୪୫ ଅଂଶଗ୍ରହଣକାରୀ ଅନଲାଇନରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ସହକାରୀ ପ୍ରଫେସର ଡ.ପୂର୍ଣ୍ଣଚନ୍ଦ୍ର ତନ୍ତି ପରିଚାଳନା କରିଥିଲେ।

# ବୋରିଗୁମ୍ମାରେ ହିନ୍ଦୁ ସମ୍ମିଳନୀ

ବୋରିଗୁମ୍ମା, ୧।୩ (ବିଜୟ ନାରାୟଣ ସାହୁ)

ବୋରିଗୁମ୍ମା ସଦର ମହକୁମାରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବୋରିଗୁମ୍ମାସ୍ଥିତ ଜଗନ୍ନାଥ ମନ୍ଦିର ନିକଟ ପୋଖରୀରୁ ଶତାଧିକ ହିନ୍ଦୁ ମହିଳା ଜଳ ସଂଗ୍ରହ କରି କଳସ ଯାତ୍ରା କରିଛନ୍ତି। ଶତାଧିକ ହିନ୍ଦୁ ମହିଳା ପୁରୁଷ




ସହର ପରିକ୍ରମା କରି ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ରୀତିନୀତିରେ ବିଶ୍ୱଶାନ୍ତି ଯଜ୍ଞ କରିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ସୁରେନ୍ଦ୍ର ପଣ୍ଡା ହିନ୍ଦୁ ଏକତା,ପରମ୍ପରା,ସଂସ୍କୃତି ନେଇ ମତ ରଖିଥିଲେ। ଜିଲା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବ୍ୟବସାୟ ପ୍ରବନ୍ଧନ ଅଧ୍ୟାପକ ସିତାନାଥ ରାୟଗୁରୁ ଏକତା, ସ୍ୱଦେଶୀ ବ୍ୟବହାର, ସ୍ୱଚ୍ଛ ପରିବେଶ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତି ତ୍ରିପତି ପଟ୍ଟନାୟକ ଓ ବୋରିଗୁମ୍ମା ଖଣ୍ଡ କାର୍ଯ୍ୟାଳୟ କବିବର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମାନସ ରଥ ମଞ୍ଚ ପରିଚାଳନା କରିଥିଲେ। ସମ୍ମିଳନୀରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ଦାସ ଭତ୍ରା, କାଳିଦାସ ପଟ୍ଟନାୟକ, ସୌରଭ ଦୋରା,ଗୋପୀ ପଟ୍ଟନାୟକ ଓ ବିଜୟ ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଗାଙ୍ଗମାଙ୍କ ରତ୍ନମୁଦ ପ୍ରତିଷ୍ଠା

ପଟ୍ଟାଙ୍ଗି, ୧।୩(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଗ୍ରାମଦେବୀ ମା'ଗାଙ୍ଗମାଙ୍କ ରତ୍ନ ମୁଦ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ରତ୍ନ ମୁଦ ପ୍ରତିଷ୍ଠା କରିବା ପୂର୍ବରୁ ବ୍ଲକ୍‌ଠାରୁ ୨୨ କି.ମି. ଦୂର ସୁଙ୍କି ପଞ୍ଚାୟତ ଜଙ୍ଗଲର ସାହାଡ଼ା ଗଛ ନିକଟରେ ପୂଜାର୍ଚ୍ଚନା ହୋଇଥିଲା। ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଣ୍ଡା କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ। ଜଙ୍ଗଲରୁ ଏକ ପଟୁଆର ବାହାରି ପଟ୍ଟାଙ୍ଗି ବସ୍‌ଷ୍ଟାଣ୍ଡରେ ପହଞ୍ଚି ସେଠାରୁ ମା'ଙ୍କ ସ୍ଥାୟୀ ମନ୍ଦିରକୁ ଆସିଥିଲେ। ଏହା ପରେ ହୋମଯଜ୍ଞ ଓ ପ୍ରତିଷ୍ଠା ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁ ଆଣିଥିବା ଧାନ, ସୁନା, ରୁପା, ଟଙ୍କା ମା'ଙ୍କ ମନ୍ଦିର ଉପରକୁ ଉଠାଇ ସ୍ଥାପନ କରାଯାଇଥିଲା। ଏଥିରେ ମନ୍ଦିର ପରିଚାଳନା କମିଟି ସ୍ଥାୟୀ ସଭାପତି ତଥା ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ପୂର୍ବତନ ୨ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ରଘୁରାମ ପଡାଲ, ସୁନାବେଡା ଏନ୍‌ଏସି ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ସଂଯୋଜକ ଚୈତନ୍ୟ ନନ୍ଦିବାଲି, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବଳରାମ ବାରିକ ପ୍ରମୁଖ ଯୋଗଦେଇଥିଲେ। ମନ୍ଦିର ମୁଖ୍ୟ ପୂଜକ ଦିଲୀପ କୁମାର ହୋତା ଓ ଅନ୍ୟ ପୂଜକମାନେ ପରିଚାଳନାରେ ସହଯୋଗ କରିଥିଲେ। ୯ ଗ୍ରାମର ମୁଖିଆ ଓ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।


ରତ୍ନମୁଦ ସ୍ଥାପନ ପାଇଁ ନିଆଯାଉଛି।

# ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ


ଅତିଥିମାନେ ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରୁଛନ୍ତି।

ସୁନାବେଡ଼ା, ୧।୩(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ଅବସରପ୍ରାପ୍ତ କର୍ମଚାରୀ ତଥା ବରିଷ୍ଠ ନାଗରିକ ସଂଘର ୧୮ତମ ବାର୍ଷିକ ଉତ୍ସବ କାର୍ଯ୍ୟାଳୟ ପାର୍ଶ୍ୱ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଚୈତନ୍ୟ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସୁନାବେଡ଼ା ନଗରପାଳ ଡ.ରାଜେନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ମୂଳଦୁଆ। ସେମାନଙ୍କ ବିନା କୌଣସି କାର୍ଯ୍ୟ ସମ୍ଭବ ନୁହେଁ। ଏଥିପାଇଁ ସେମାନଙ୍କୁ ଅଗ୍ରାଧିକାର ଦେବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ୬ ନମ୍ବର ୱାର୍ଡ କାଉନସିଲର ମିନତୀ ମିଶ୍ର ଯୋଗଦେଇଥିଲେ। ସେମିଳିଗୁଡ଼ା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଝାନ୍‌ସୀ ସିଂହ ବରିଷ୍ଠ ନାଗରିକଙ୍କୁ ଚିକିତ୍ସା ନୁହେଁ, ସେବାର ଆବଶ୍ୟକତା ରହିଛି। ସଂଘ ପକ୍ଷରୁ ବରିଷ୍ଠ ୨ ମହିଳା, ୩ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ସୌରୀଚରଣ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁରେନ୍ଦ୍ର ବେହେରା ଓ ବରିଷ୍ଠ ସଦସ୍ୟ ଅଶ୍ୱିନୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏଥିରେ ଅଞ୍ଚଳର ବରିଷ୍ଠ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ସିଡିପିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୁନ୍ଦୁରା, ୧।୩(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସଭାଗୃହରେ ସିଡିପିଓ ଆରତୀ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଗଣେଶ ପ୍ରସାଦ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ କାର୍ଯ୍ୟାଳୟ ପକ୍ଷରୁ ସିଡିପିଓଙ୍କୁ ମାନପତ୍ର ଓ ଉପଢୌକନ ସମ୍ମାନିତ କରିଥିଲେ। ସିଡିପିଓ ୨୦୨୧ ମାର୍ଚ୍ଚରେ କୁନ୍ଦୁରା ବ୍ଲକରେ ଯୋଗଦେଇଥିଲେ। ସମସ୍ତ କର୍ମଚାରୀ,ଅଙ୍ଗନୱାଡ କର୍ମୀ ଦାୟିତ୍ୱ ଠିକ ଭାବେ ତୁଲାଇଲେ ବ୍ଲକରେ ମହିଳା ଓ ଶିଶୁମାନଙ୍କ ବିକାଶ ହୋଇପାରିବ ବୋଲି ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭୁବନେଶ୍ୱର ଦଳେଇଙ୍କ ଅବସର ଦିନ ତାଙ୍କ ପେନସନ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ସରକାରଙ୍କୁ ହସ୍ତଗତ କରିଥିବାରୁ ଜିଲାପାଳ ତାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି। ବ୍ଲକର ଜନସାଧାରଣ,ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ,ଜନପ୍ରତିନିଧି ତଥା ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସହଯୋଗ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।



ସିଡିପିଓ ଆରତୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିଦ୍ୟାଳୟ ପାଠାଗାର ବହି କିଣାବିକାରେ ଦୁର୍ନୀତି ଅଭିଯୋଗ

ନନ୍ଦପୁର, ୧।୩ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ସମେତ ନନ୍ଦପୁର ବ୍ଲକର ବିଦ୍ୟାଳୟ ପାଠାଗାରରେ ଛାତ୍ରୀଛାତ୍ରଙ୍କ ନୈତିକ ଶିକ୍ଷା ପାଇଁ ଏଫଏଲଏନ ପୁସ୍ତକ କିଣାବିକାରେ ବ୍ୟାପକ ଦୁର୍ନୀତି କରାଯାଉଥିବା ଅଭିଯୋଗ ହୋଇଛି। ଜିଲାପାଳଙ୍କ ଉପସ୍ଥିତିରେ ଶିକ୍ଷା କମିଟିର ନିଷ୍ପତ୍ତି, ଆଞ୍ଚଳିକ ଭାଷା ଓ ବିଷୟବସ୍ତୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆବଶ୍ୟକତା ଓ ବିଦ୍ୟାଳୟ ପରିଚାଳନା କମିଟିକୁ ଉପେକ୍ଷା କରାଯାଇ କଟକ ଅଞ୍ଚଳର ଏକ ପ୍ରକାଶନ ସଂସ୍ଥାକୁ କୋରାପୁଟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କେତେକ ଅଧିକାରୀ ଅନୁକମ୍ପା ପ୍ରଦାନ କରି ଜିଲାର ୨୩୪୯ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ, ୨୪୦ ଉଚ୍ଚ ବିଦ୍ୟାଳୟ ଓ ଇଂଲିଶ ମାଧ୍ୟମ ପାଠ୍ୟକ୍ରମ ଥିବା ୧୪ ଓଏଭି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚାପ ଦେଇ ଓଡ଼ିଆ ବହି କିଣିବାକୁ ବାଧ କରିଥିବା ଅଭିଯୋଗ ହୋଇଛି। ରାଜ୍ୟ ଓଏସଇପିଏ ପକ୍ଷରୁ ବିଦ୍ୟାଳୟ ପାଠାଗାର ପାଇଁ କମ୍ପୋଜିଟ ଗ୍ରାଣ୍ଟ ପାଣ୍ଠିର ୧୦ ପ୍ରତିଶତ ମୂଲ୍ୟର ବହି କିଣିବାକୁ ପ୍ରାବଧାନ କରିଛନ୍ତି। ଏହି ନିୟମର ସୁବିଧା ନେଇ ଜିଲାସ୍ତରୀୟ କର୍ତ୍ତୃପକ୍ଷ ଓ ବହି ଯୋଗାଣକାରୀ ସଂସ୍ଥା ଲାଭ ଉଠାଉ ଥିବା ଚର୍ଚ୍ଚା ହେଉଛି। ସାମାଜିକ କର୍ମୀ ତଥା ଆଇନଜୀବୀ ଅନୁପ ପାତ୍ର ପତ୍ର ଲେଖି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିକ୍ଷା ସଚିବ, ଓଏସଇପିଏ ନିର୍ଦ୍ଦେଶକ, ଜିଲାପାଳ ଓ ଭିଜିଲାନ୍ସ ବିଭାଗକୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସଂସ୍ଥା ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦିଆଯାଉଥିବା ବିଲ ଓ ଭାଉଚରରେ ଜିଏସଟି ନମ୍ବର୍ ନ ଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଗକୁ ହଇରାଣ ହେବେ ବୋଲି ଆଇନଜୀବୀ ପାତ୍ର କହିଛନ୍ତି।


Anupkumar Patro <anuppatro5522@gmail.com> Sat, 28 Feb at 12:20 PM
To: ccmo@nic.in
Cc: govodisha@nic.in, csori@nic.in, dcplg@ori.nic.in, secysme.od@nic.in, opepaedu@yahoo.co.in, spd.opepa@nic.in, cdm-koraput@nic.in

Honourable Sir,

I, Adv. Anup Kumar Patro, a resident of Sriram Nagar, Parabeda, Jeypore, Koraput, and a dedicated Human Rights Defender and RTI activist, bring to your urgent attention a matter of grave financial irregularity within the Koraput Education Department. Recent media reports and ground-level observations highlight a systemic violation of administrative law involving library book procurement worth approximately ₹1 Crore.

Key Allegations and Violations:

- Illegal Coercion: Contrary to OSEPA guidelines, which empower School Management Committees (SMCs) to select and purchase books, district officials are allegedly coercing teachers to accept pre-packaged sets at inflated prices.
- Administrative Malpractice: Despite mandates for transparent procurement, reports indicate that CRCCs and BEO offices (specifically Jeypore and Kundura) are being utilized as commercial hubs to distribute unauthorized book packets and collect cash directly from teachers.
- Commercial Exploitation & Tax Evasion: Books are reportedly being sold above retail prices, bypassing the Government of Odisha tender processes, with significant doubts regarding the payment of GST.
- Contradictory Statements: While the District Education Officer (DEO) maintains that teachers should purchase books independently, the operational reality suggests a syndicate-style distribution involving specific publishers.

Prayer for Action:

This operation not only misappropriates public funds but also denies students access to quality, relevant educational materials. As an advocate for justice and the rights of the students of Koraput, I pray that your office directs the Chief Secretary to:

1. Initiate a Vigilance Inquiry into the roles of the Koraput DEO, DPC, and concerned BEOs.
2. Halt all illegal cash collections at the Block level with immediate effect.
3. Enforce strict adherence to School & Mass Education Department transparency norms.

I look forward to your swift intervention to protect the integrity of our education system.

A reply in this regard is highly appreciated. With highest regards.
Adv.Anup Kumar Patro,
Human Rights Defender & R.T.I Activist
Sriram Nagar, Parabeda, Jeypore -764001 Dist-Koraput ODISHA
Contact No. 7008141073,9437165095

ବିଭାଗ ପ୍ରଦତ୍ତ କମ୍ପୋଜିଟ ଗ୍ରାଣ୍ଟ ପାଣ୍ଠି ଖର୍ଚ୍ଚ କରିବା ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ପ୍ରସ୍ତାବ ପାରିତ ହେବା ନିୟମ ରହିଛି। ଏଥିରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆବଶ୍ୟକତାକୁ ଧ୍ୟାନ ଦେଇ କେଉଁ ଓ କେଉଁଠାରୁ ବହି କିଣାଯିବ, ନିଷ୍ପତି ନିଆଯିବା ନିର୍ଦ୍ଦେଶ ରହିଛି। କିନ୍ତୁ ବିନା କମିଟି ବୈଠକ, ପ୍ରସ୍ତାବ ପାରିତରେ ଜିଏସଟି ନ ଥିବା ବିଲ୍ ସହାୟତାରେ କର୍ତ୍ତୃପକ୍ଷଙ୍କୁ ଆଗାମୀ ଦିନରେ, ସାମାଜିକ ସମୀକ୍ଷକ, ବିଭାଗୀୟ ଅଡିଟର ଓ ସୂଚନା ଅଧିକାର କର୍ମୀଙ୍କ ନିକଟରେ ଦୋଷୀ ସାବ୍ୟସ୍ତ କରାଇବ ବୋଲି ଶିକ୍ଷାବିତ୍ ମତ ରଖିଛନ୍ତି। ନନ୍ଦପୁର ବ୍ଲକ ଅଞ୍ଚଳର ସମସ୍ତ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କର୍ତ୍ତୃପକ୍ଷ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ କର୍ତ୍ତୃପକ୍ଷ ସଂପୃକ୍ତ ସଂସ୍ଥାଠାରୁ ବହି, ବିଲ ରଖି ୭୫୦୦ ଟଙ୍କା ଓ ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ୧୦୦୦ ଲେଖାଏ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜୈନକ ଅଧିକାରୀ ନିର୍ଦ୍ଦେଶ ଦେଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଟ୍ରକରେ ବହି ଆସିବା ପରେ ଏକ କାରରେ ସମ୍ପୃକ୍ତ ସଂସ୍ଥାର କର୍ତ୍ତୃପକ୍ଷ ଆସି ବିଲ ଦେଇ ଟଙ୍କା ନେଇଗଲେ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଅବଗତ ନ ଥିବା କହିଛନ୍ତି। ନନ୍ଦପୁର ବିଇଓ ଭବାନୀ ନନ୍ଦନ ପଟ୍ଟନାୟକଙ୍କୁ ପଚାରିବାରୁ ବିଦ୍ୟାଳୟ ଏସ୍‌ଏମ୍‌ସି ବୈଠକ କରି ସର୍ବସମ୍ମତି କ୍ରମେ କମ୍ପୋଜିଟ ଗ୍ରାଣ୍ଟ ପାଣ୍ଠି ବିନିଯୋଗ କରିବାକୁ ରାଜ୍ୟ ଓଏସଇପିଏର ସ୍ୱତନ୍ତ୍ର ମାର୍ଗଦର୍ଶିକା ରହିଛି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବହି କିଣାବିକା ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିବା ସୂଚନା ଦେଇଛନ୍ତି।

